[2008] 13 S.C.R. 966

ମନ୍ ସିଂହ ଏବଂ ଅନ୍ୟଜଣେ

ବନାମ

ଏମ୍.ପି. ରାଜ୍ୟ

(ଅପରାଧିକ ଅପିଲ ସଂଖ୍ୟା 1516/2008)

ସେପ୍ଟେମ୍ବର 24, 2008

**[ଡଃ. ଅରିଜିତ ପଶାୟତ ଏବଂ ଡଃ. ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]**

*ଅନୁଶୀଳନ ଏବଂ ପ୍ରକ୍ରିୟା— ଅଭିଯୁକ୍ତଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତିରେ ଅପରାଧିକ ଅପିଲର ଫଏସଲା— ଯୁକ୍ତିଯୁକ୍ତତା— ଏନ୍.ଡି.ପି.ଏସ୍. ଅଧିନିୟମ, 1985 ଅନୁଯାୟୀ ଦୋଷୀ ସାବ୍ୟସ୍ତ— ଅଭିଯୁକ୍ତକୁ 20 ବର୍ଷ ଆର୍ ଆଇ ଦଣ୍ଡାଦେଶ— ସେ ଅପିଲ ଦାଖଲ କରିଥିଲେ— ଯେଉଁ ତାରିଖରେ ଉଚ୍ଚ ନ୍ୟାୟାଳୟରେ ମାମଲାର ଶୁଣାଣି ହୋଇଥିଲା, ସେହି ଦିନ ଆଇନ ସହାୟତା ସମିତି ଦ୍ୱାରା ଅଭିଯୁକ୍ତଙ୍କ ପାଇଁ ନିଯୁକ୍ତ ହୋଇଥିବା ଅଧିବକ୍ତା ହାଜର ହୋଇନଥିଲେ— ରାଜ୍ୟ ପାଇଁ ତାଲିକାଭୁକ୍ତ ଅଧିବକ୍ତାଙ୍କ ସହାୟତାରେ ଉଚ୍ଚ ନ୍ୟାୟାଳୟ ମାମଲାର ଶୁଣାଣି କରିଥିଲେ ଏବଂ ଅନ୍ୟ କୌଣସି ଅଧିବକ୍ତା କିମ୍ବା ନ୍ୟାୟମିତ୍ର ନିଯୁକ୍ତ ନକରି ଅପିଲଟିକୁ ଖାରଜ କରିଦେଇଥିଲେ— ଦର୍ଶାଯାଇଛି : ଅପରାଧର ଗମ୍ଭୀରତାକୁ ବିଚାରକୁ ନେଇ, ଆଇନ ସହାୟତା ସମିତିକୁ ଅନ୍ୟ ଜଣେ ଅଧିବକ୍ତା ନିଯୁକ୍ତ କରିବାକୁ କହିବା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଉପଯୁକ୍ତ ହୋଇଥାନ୍ତା— ମାମଲାର ସାନି ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି— ନିଶାଔଷଧ ଏବଂ ମନୋପ୍ରଭାବୀ ପଦାର୍ଥ ଅଧିନିୟମ, 1985— ଧାରା 8, 18, 21 ଏବଂ 29 ଗୁଡିକ।*

ବିଚାର କରୁଥିବା ନ୍ୟାୟାଳୟ ଅପିଲକାରୀଙ୍କୁ ନିଶାଔଷଧ ଏବଂ ମନୋପ୍ରଭାବୀ ପଦାର୍ଥ ଅଧିନିୟମ, **1985**ର ଧାରା **8/18(b)** ଏବଂ ବିକଳ୍ପ ଭାବରେ ଉକ୍ତ ଅଧିନିୟମର ଧାରା **8/29/18(b)** ଏବଂ ଧାରା **8/21(c)** ଏବଂ ବିକଳ୍ପ ଭାବରେ **8/29/21(c)** ଏବଂ ବିକଳ୍ପ ଭାବରେ ଅଧିନିୟମର **8/28/2(c)** ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି **20** ବର୍ଷ ଆର୍ ଆଇ ଦଣ୍ଡାଦେଶ କରିଥିଲେ । ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଅପିଲ ଦାଖଲ କରିଥିଲେ ।

**ଯେଉଁ ଦିନ ଉଚ୍ଚ ନ୍ୟାୟାଳୟରେ ମାମଲାର ଶୁଣାଣି ହୋଇଥିଲା, ସେହି ଦିନ ଅପିଲକାରୀଙ୍କ ପାଇଁ ଆଇନ ସହାୟତା ସମିତି ଦ୍ୱାରା ନିଯୁକ୍ତ ହୋଇଥିବା ଅଧିବକ୍ତା ହାଜର ହୋଇନଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା-ରାଜ୍ୟ ପାଇଁ ତାଲିକାଭୁକ୍ତ ଅଧିବକ୍ତାଙ୍କ ସହାୟତାରେ ମାମଲାର ଶୁଣାଣି କରିଥିଲେ ଏବଂ ଅନ୍ୟ କୌଣସି ଅଧିବକ୍ତା ନିଯୁକ୍ତ ନକରି କିମ୍ବା ନ୍ୟାୟ ମିତ୍ର ନିଯୁକ୍ତ ନକରି ଅପିଲଟିକୁ ଖାରଜ କରିଦେଇଥିଲେ ।**

**ଅପିଲକୁ ଅନୁମତି ଦେଇ ଏବଂ ପୁନଃ ଶୁଣାଣି ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପ୍ରେରିତ କରି, ନ୍ୟାୟାଳୟ**

**ଦର୍ଶାଇଛନ୍ତି : ଏପରି ମାମଲାର ପରିସ୍ଥିତିକୁ ବିଚାରକୁ ନେଇ, ଆଇନ ସହାୟତା ସମିତିକୁ ଅନ୍ୟ ଜଣେ ଅଧିବକ୍ତା ନିଯୁକ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟ କହିପାରିଥାନ୍ତେ । ଅପରାଧର ଗମ୍ଭୀରତାକୁ ବିଚାରକୁ ନେଲେ ଉଚ୍ଚ ନ୍ୟାୟାଳୟ ଏପରି କରିବା ଉଚିତ ହୋଇଥାନ୍ତା ।**

ଅପରାଧିକ ଅପିଲ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା 1516/2006

ଅପରାଧିକ ଅପିଲ ସଂଖ୍ୟା 1235/2003ରେ, ଇନ୍ଦୋରସ୍ଥିତ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ବିଚାରପୀଠ ଦ୍ୱାରା 18.4.2007 ତାରିଖରେ ଦିଆଯାଇଥିବା ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ତରଫରୁ ଅଶୋକ କୁମାର ଶର୍ମା, ସଞ୍ଜୟ ମିଶ୍ର, ଅବିନାଶ କୁମାର ଜୈନ ଏବଂ ଯୋଗେଶ ।

ଉତ୍ତରଦାତାଙ୍କ ପାଇଁ ସି.ଡି. ସିଂହ, ସନି ଚୌଧୁରୀ, ବୈରାଗ୍ୟ ବର୍ଦ୍ଧନ ଏବଂ ଆଦିତ୍ୟ ସିଂହ ।

ନ୍ୟାୟାଳୟଙ୍କର ରାୟଟି **ଡ଼ଃ. ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପ୍ରଦାନ କରାଯାଇଛି ।

1. ଅନୁମତି ପ୍ରଦାନ କରାଯାଇଛି ।

2. ଏହି ଅପିଲରେ, ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ, ଜବଲପୁର, ଇନ୍ଦୋର ଖଣ୍ଡପୀଠର ଜଣେ ମାନ୍ୟବର ଏକକ ବିଚାରପତିଙ୍କ ରାୟକୁ ଆପତ୍ତି କରାଯାଇଛି, ଯେଉଁଥିରେ ସେ ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅପିଲକୁ ଖାରଜ କରିଥିଲେ ଯିଏ ତାଙ୍କୁ ନିଶାଔଷଧ

ଏବଂ ମନୋପ୍ରଭାବୀ ପଦାର୍ଥ ଅଧିନିୟମ, 1985 (ଏହାପରେ ସଂକ୍ଷେପରେ 'ଅଧିନିୟମ')ର ଧାରା 8/18(b) ଏବଂ ବିକଳ୍ପ ଭାବରେ ଉକ୍ତ ଅଧିନିୟମର ଧାରା 8/29/18 (b) ଏବଂ ଧାରା 8/21 (c) ଏବଂ ବିକଳ୍ପ ଭାବରେ 8/29/21 (c) ଏବଂ ବିକଳ୍ପ ଭାବରେ ଅଧିନିୟମର 8/28/2 (c) ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯିବା ଏବଂ 20 ବର୍ଷ ଆର୍ ଆଇ ଏବଂ ଦୁଇ ଲକ୍ଷ ଟଙ୍କା ଜୋରିମାନାକୁ ପ୍ରଶ୍ନ କରିଥିଲେ ଯେଉଁଥିରେ ଏହି ସର୍ତ୍ତ ଥିଲା ଯେ, ଜୋରିମାନା ପଇଠ କରିବାରେ ବିଫଳ ହେଲେ ପ୍ରତ୍ୟେକ ଅଭିଯୁକ୍ତ/ଅପିଲକାରୀଙ୍କୁ ଅତିରିକ୍ତ 5 ବର୍ଷ ଆର୍ ଆଇ ଭୋଗିବାକୁ ପଡ଼ିବ । ଏହା ଜଣାପଡୁଛି ଯେ, ଯେତେବେଳେ ଏହି ମାମଲା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଶୁଣାଣି ହୋଇଥିଲା, ଆଇନ ସହାୟତା ସମିତି ମାଧ୍ୟମରେ ନିଯୁକ୍ତ ହୋଇଥିବା ବିଜ୍ଞ ଅଧିବକ୍ତା ହାଜର ହୋଇନଥିଲେ । ମାନ୍ୟବର ଏକକ ବିଚାରପତି ଉତ୍ତରଦାତା-ରାଜ୍ୟ ପାଇଁ ଥିବା ବିଜ୍ଞ ତାଲିକାଭୁକ୍ତ ଅଧିବକ୍ତାଙ୍କ ସହାୟତାରେ ମାମଲାର ଶୁଣାଣି କରିଥିଲେ ।

3. ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଯେତେବେଳେ ମାମଲାଟି ଶୁଣାଣି ପାଇଁ ଆସିଥିଲା, ସେତେବେଳେ ଆଇନ ସହାୟତା ସମିତି ଦ୍ୱାରା ନିଯୁକ୍ତ ହୋଇଥିବା ଅଧିବକ୍ତା ତାଙ୍କୁ ସବୁଠାରୁ ଭଲ ଭାବରେ ଜଣା କାରଣ ପାଇଁ ହାଜର ହୋଇନଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଅନ୍ୟ ଜଣେ ଅଧିବକ୍ତା ନିଯୁକ୍ତ ନକରି କିମ୍ବା ଅନ୍ତତଃ ପକ୍ଷେ ଜଣେ ନ୍ୟାୟ ମିତ୍ର ନିଯୁକ୍ତ ନକରି ଅପିଲଟିକୁ ଖାରଜ କରିଦେବା ଉଚିତ ନଥିଲା । ଅନ୍ୟପକ୍ଷରେ ଉତ୍ତରଦାତା-ରାଜ୍ୟ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଉଚ୍ଚ ନ୍ୟାୟାଳୟ ସରକାରୀ ସାକ୍ଷୀ ଥିବା ପିଡବ୍ଲ୍ୟୁ 9 ଏବଂ 10 ର ସାକ୍ଷ୍ୟ ସମେତ ପ୍ରାସଙ୍ଗିକ ପ୍ରମାଣ ବିଶ୍ଳେଷଣ କରିଛନ୍ତି । ଏହା ଦର୍ଶାଯାଇଛି ଯେ, ଅଧିନିୟମର ଧାରା 42 ଏବଂ 50 ର କୌଣସି ପ୍ରାସଙ୍ଗିକତା ନାହିଁ କାରଣ ଆରୋପିତ ଜବତ ଏକ ସାର୍ବଜନୀନ ସ୍ଥାନରେ ହୋଇଥିଲା ଏବଂ ତଲାସି ବ୍ୟକ୍ତିଗତ ନଥିଲା ।

4. ଆମକୁ ମାମଲାର ଯୋଗ୍ୟତା ସହିତ ବିଚାର କରିବାର ଆବଶ୍ୟକତା ନାହିଁ କାରଣ ଆମେ ଦେଖୁଛୁ ଯେ, ଆଇନ ସହାୟତା ସମିତି ଦ୍ୱାରା ନିଯୁକ୍ତ ବିଜ୍ଞ ଅଧିବକ୍ତା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ନିର୍ଦ୍ଧାରିତ ତାରିଖରେ ହାଜର ହୋଇନଥିଲେ । ଏଭଳି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ଆଇନ ସହାୟତା ସମିତିକୁ ଅନ୍ୟ ଜଣେ ଅଧିବକ୍ତା ନିଯୁକ୍ତ କରିବା ପାଇଁ କହି ପାରିଥାଆନ୍ତେ । ଅପରାଧର ଗମ୍ଭୀରତାକୁ ବିଚାରକୁ ନେଲେ ଉଚ୍ଚ ନ୍ୟାୟାଳୟ ଏପରି କରିବା ଉଚିତ ହୋଇଥାନ୍ତା ।

5. ଏହି ପରିସ୍ଥିତିରେ, ଆମେ ବିବାଦୀୟ ଆକ୍ଷେପିତ ଆଦେଶକୁ ରଦ୍ଦ କରିଛୁ ଏବଂ ଏକ ସାନି ଶୁଣାଣି ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଇଛୁ ।

6. ଅପିଲକୁ ଅନୁମତି ଦିଆଯାଇଛି ।

ବି.ବି.ବି. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ